ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୨୭ ଡିସେମ୍ବର, ୨୦୨୨



## ବୁଲେଟ ବୋଝେଇ କଣ୍ଟେନର ଓଲଟିଲା

ଖଲ୍ଲିକୋଟ,(ଡି.ଏନ.ଏ.): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ହରିଡାମୂଳ ଛକ ନିକଟରେ ଥିବା ଏକ ବ୍ରିଜ ଉପରେ ଗୋଟିଏ ବୁଲେଟ ଗାଡ଼ି ବୋଝେଇ କଣ୍ଟେନର ଓଲଟିପଡିଛି। କଣ୍ଟେନରଟି ଚେନ୍ନାଇରୁ କଟକ ଅଭିମୁଖେ ଯାଉଥିବା ବେଳେ ସୋମବାର ଅପରାହ୍ନ ୪ଟା ସମୟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ବ୍ରହ୍ମପୁର-ଭୁବନେଶ୍ୱର ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଖବର ପାଇ ହାଇୱେ ପାଟ୍ରୋଲିଂ ଗାଡ଼ି, ଖଲ୍ଲିକୋଟ ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଗାଡ଼ିଟିକୁ ଉଠାଇବାକୁ ଉଦ୍ୟମ କରିଛନ୍ତି। ଅପରପାର୍ଶ୍ୱ ରାସ୍ତାରେ ଉଭୟ ପଟର ଗାଡ଼ି ଚଳାଚଳ କରୁଛି। ତେବେ କେହି ଆହତ ହୋଇ ନଥିବା ଏସ୍ଆଇ ହିମାଂଶୁ ଶେଖର ପାତ୍ର କହିଛନ୍ତି।

**ସଂକ୍ଷେପରେ**

## ପୂର୍ବତନ ବ୍ଲକ ଅଧକ୍ଷାଙ୍କ ପରଲୋକ



ଖଲ୍ଲିକୋଟ,୨୬।୧୨(ଡି.ଏନ.ଏ.): ହିଞ୍ଜିଳିକାଟୁ ବ୍ଲକର ପୂର୍ବତନ ଅଧକ୍ଷା ପୁଷ୍ପାଞ୍ଜଳି ପ୍ରଧାନଙ୍କ ସୋମବାର ପୂର୍ବାହ୍ନରେ ମୃତ୍ୟୁ ଘଟିଛି। ସେ ବ୍ଲକ ବିଜେଡ଼ି ସଭାପତି ତଥା ଓଡ଼ିଶା କୃଷି ବିପଣନ ବୋର୍ଡର ପରାମର୍ଶ କମିଟି ସଦସ୍ୟ ସୁରେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ଅଟନ୍ତି। ପୁଷ୍ପାଞ୍ଜଳୀ ୨୦୦୭ରୁ ୨୦୧୭ ପର୍ଯ୍ୟନ୍ତ ୨ଥର ହିଞ୍ଜିଳିକାଟୁ ବ୍ଲକ ଅଧକ୍ଷା ନିର୍ବାଚିତ ହୋଇଥିଲେ। ସୋମବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାରୁ ପରିବାର ଲୋକେ ହିଞ୍ଜିଳିକାଟୁ ଡାକ୍ତରଖାନା ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହି ଖବରପାଇ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ହିଞ୍ଜିଳିକାଟୁ ବିଡ଼ିଓ ସୁବ୍ରତ କୁମାର ଜେନା, ତହସିଲଦାର ପ୍ରଭାତ କୁମାର ପରିଡ଼ା, ଆଇଆଇସି ଅଭିମନ୍ୟୁ ଦାସ ପ୍ରମୁଖଙ୍କ ସହ ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ସରକାରୀ କର୍ମଚାରୀ ଶିକିରି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ବ୍ଲକସ୍ତରୀୟ ଶିଶୁ ଉତ୍ସବ

ଆର.ଉଦୟଗିରି,୨୬।୧୨(ଡି.ଏନ.ଏ.): ଆର.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟରେ ସୋମବାର ଶିଶୁ ଉତ୍ସବ ପାଳିତ ହୋଇଯାଇଛି। 'ଶିଶୁ ହସିଲେ ଦୁନିଆ ହସେ'ର ବାର୍ତ୍ତା ନେଇ ଅନୁଷ୍ଠାନର କୁନି କୁନି ଛାତ୍ରୀଛାତ୍ରମାନେ ଅତିଥିମାନଙ୍କ ଆଗରେ ସେମାନଙ୍କ କଳା ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କୁମୁଦିନୀ ଗମାଙ୍ଗ, ଆର.ଉଦୟଗିରି ବ୍ଲକ୍ ଉପାଧକ୍ଷା ବିଜୟଲକ୍ଷ୍ମୀ ପଟ୍ଟନାୟକ, ସ୍ଥାନୀୟ ସମିତିସଭ୍ୟ ପୂର୍ଣ୍ଣ ଚନ୍ଦ୍ର ଗମାଙ୍ଗ, ଏମ୍ପି ପ୍ରତିନିଧି ଜଗବନ୍ଧୁ ଦାସଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଓ ରାମଗିରିର ବିଧାୟକ ପ୍ରତିନିଧି ଗୋପାଳ ଦଳାଇ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସ୍ଥାନୀୟ ସ୍କୁଲର ହିନ୍ଦୀ ଶିକ୍ଷକ। ଛାତ୍ରୀଛାତ୍ରଙ୍କ ଏଭଳି ସମାଜ ପ୍ରତି ବାର୍ତ୍ତା ଦେଖି ଅତିଥିମାନେ ଖୁସି ବ୍ୟକ୍ତି କରି କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ।

## ୮ ବର୍ଷ ପରେ ସଂଯୋଗ ହେଲା ବିଜୁଳି

ବେଗୁନିଆପଡ଼ା,୨୬।୧୨:କୋଦଳା କିଶୋରି ନଗରରେ ବିଜୁଳି ସଂଯୋଗ ହୋଇ ନଥିବାରୁ ସାହି ବାସିନ୍ଦା ଅସନ୍ତୋଷ ପ୍ରକାଶ କରୁଥିଲେ। ସୋମବାର ବିଜୁଳି ସଂଯୋଗ ହେବା ପରେ ସେମାନଙ୍କ ମୁହଁରେ ହସ ଫୁଟିଛି। କିଶୋର ନଗର ସାହି ବାସିନ୍ଦା ୮ ବର୍ଷ ଅନ୍ଧାରରେ ଥିଲେ। ବିଦ୍ୟୁତ୍ ସମସ୍ୟା ନେଇ ସେମାନେ କୋଦଳା ଏନଏସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକଙ୍କୁ ଜଣାଇଥିଲେ। କୋଦଳା ବିଦ୍ୟୁତ ବିଭାଗର ଅଧିକାରୀମାନଙ୍କ ସହ ଅଧକ୍ଷ ଆଲୋଚନା କରିଥିଲେ। ଅଧକ୍ଷଙ୍କ ହସ୍ତକ୍ଷେପ ପରେ ସୋମବାର ବିଭାଗୀୟ ଅଧିକାରୀମାନେ ଆସି ଉକ୍ତ ସାହିକୁ ବିଦ୍ୟୁତ ସଂଯୋଗ କରିଛନ୍ତି। ବିଜୁଳି ସୁବିଧା ପାଇଥିବାରୁ ସାହିବାସିନ୍ଦା ଅଧକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା

**ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ**

ଛତ୍ରପୁର,୨୬।୧୨(ଡି.ଏନ୍.ଏ)

ଗଞ୍ଜାମ ସ୍ଥିତ ଗ୍ରାସୀମ ଇଣ୍ଡଷ୍ଟ୍ରି ଶ୍ରମିକ ସଂଗଠନ ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ସୋମବାର ଛତ୍ରପୁରସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ ତଥା ଜୟଶ୍ରୀ ଏମ୍ପ୍ଲଇଜ ୟୁନିୟନର ଶ୍ରମିକମାନେ ତାଲା ପକାଇଦେଇଛନ୍ତି। ସୂଚନାଯୋଗ୍ୟ, ଗ୍ରାସୀମ ଇଣ୍ଡଷ୍ଟ୍ରିରେ ଶ୍ରମିକ ୟୁନିୟନ ନିର୍ବାଚନରେ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରମିକ ସଂଗଠନକୁ ଅନୁକମ୍ପା ଦେଖାଇ ଅନ୍ୟ ଏକ ସ୍ୱୀକୃତିପ୍ରାପ୍ତ ୟୁନିୟନ ଜୟଶ୍ରୀ ଏମ୍ପ୍ଲଇଜ ୟୁନିୟନର ୧୫ଜଣ କର୍ମଚାରୀଙ୍କୁ ଜାଣିଶୁଣି ତରବରିଆ ଭାବେ ଜିଲା ଶ୍ରମ ଅଧିକାରୀ ନିର୍ବାଚନରୁ ବାଦ ଦେଇଥିବା ୟୁନିୟନର ସଭାପତି ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ଅଭିଯୋଗ କରିଛନ୍ତି। ଏ ନେଇ ସୋମବାର ଏଆଇଟିୟୁସି ନେତା ଏବଂ ଶ୍ରମିକ ସଂଗଠନର କର୍ମକର୍ତ୍ତା ଏବଂ ଶ୍ରମିକମାନେ ଏହାକୁ ବିରୋଧ କରିବା ସହ ନିର୍ବାଚନ ତାରିଖକୁ ତୁରନ୍ତ ବାତିଲ କରିବା ଏବଂ ବାଦ୍ ପଡ଼ିଥିବା ଶ୍ରମିକଙ୍କ ନାମ ତୁରନ୍ତ ଯୋଡିବା ନିମନ୍ତେ ସେମାନେ ଦାବି କରିଛନ୍ତି। ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଫିସ୍ ଭିତରେ ତାଲା ପକାଇ ଦେଇଥିଲେ। ଶ୍ରମ ଅଧିକାରୀଙ୍କ ଏକପାଖିଆ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ମଧ ସେମାନେ ଚରମବାଣୀ ଶୁଣାଇଛନ୍ତି। ନଚେତ ଆଗାମୀ ଦିନରେ ଶ୍ରମିକମାନଙ୍କ ସ୍ୱାର୍ଥ ନିମନ୍ତେ ଏଆଇଟିୟୁସି ପକ୍ଷରୁ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି ଆନ୍ଦୋଳନରେ ୟୁନିୟନ ସଭାପତି ଏନ. ନାରାୟଣ ରେଡ୍ଡୀ, କାର୍ଯ୍ୟକାରୀ ସଭାପତି ପ୍ରବୀଣ ଦାଶ, ଉପସଭାପତି ପ୍ରତାପ ବିଶ୍ୱାଳ, ସମ୍ପାଦକ ସୀମାଞ୍ଚଳ ପଳାଇ, ଏଆଇଟ୍ୟୁସି ନେତା ନୀଳକଣ୍ଠ ଦାଶ, ସିପିଆଇ ଛତ୍ରପୁର ଜୋନାଲ ସମ୍ପାଦକ ଡ଼ି. ଆଦିନାରାୟଣ ରେଡ୍ଡୀ, ଏସ. ତ୍ରିନାଥ ରେଡ୍ଡୀଙ୍କ ସମେତ ବହୁ ଶ୍ରମିକ ସାମିଲ ହୋଇଥିଲେ। ତେବେ ସବୁକିଛି ନିୟମ ମୁତାବକ ହୋଇଥିବା ଶ୍ରମ ଅଧିକାରୀ କହିଛନ୍ତି ।



ଜିଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକମାନେ ତାଲା ପକାଇ ବିକ୍ଷୋଭ କରୁଛନ୍ତି।

## ଋଷିକୁଲ୍ୟାରେ ବିଦେଶୀ ପକ୍ଷୀଙ୍କ ସମାଗମ


ରୁଷିକୂଲ୍ୟାକୁ ଆସିଥିବା ବିଦେଶୀ ପକ୍ଷୀ ଗୟଳ ହଂସ।

ଗଞ୍ଜାମ,୨୬।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଋଷିକୁଲ୍ୟା ନଦୀରେ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଖାଦ୍ୟ ଅନ୍ୱେଷଣରେ ସେମାନେ ଶୀତ ଦିନରେ ହଜାର ହଜାର କିଲୋମିଟର ଅତିକ୍ରମ କରି ଓଡ଼ିଶାର ବିଭିନ୍ନ ଜଳାଶୟକୁ ଆସିଥାନ୍ତି ବୋଲି ଗଞ୍ଜାମର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରବୀନ୍ଦ୍ର ନାଥ ସାହୁ ସୂଚନା ଦେଇଛନ୍ତି। ଏମାନଙ୍କୁ ଗୟଳ ହଂସ ବା ବାର୍ଡ ହେଡେଡ୍ ଗୋଜ ବୋଲି କୁହାଯାଏ। ସବୁଠାରୁ ଅଧିକ ଉଚ୍ଚତା, ଅଧିକ ଦୂରତା ଏବଂ ଦ୍ରୁତ ଗତିରେ ଉଡ଼ିପାରୁଥିବା ଏହି ବିରଳ ପ୍ରଜାତିର ପକ୍ଷୀ ଦଳ ଦଳ ହୋଇ ଋଷିକୁଲ୍ୟା ନଦୀ ଗର୍ଭରେ ଆଶ୍ରୟ ନେଉଥିବା ଓ ଜଳକ୍ରୀଡାର ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଛି। ଏମାନେ ଡିସେମ୍ବରରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଓଡିଶା ଉପକୂଳରେ ଦେଖାଯାଆନ୍ତି।

## ଓଡ଼ିଆ ବିଭାଗର ପାଠଚକ୍ର


ଓଡ଼ିଆ ବିଭାଗରେ ଛାତ୍ରୀ ରାଜେଶ୍ୱରୀ ପ୍ରଧାନ ସନ୍ଦର୍ଭ ପାଠ କରୁଛନ୍ତି।

ଭଞ୍ଜନଗର,୨୬।୧୨(ଡି.ଏନ.ଏ.)

ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ମଧ ଯୁଗୀୟ କାବ୍ୟ ଜଗତରେ ରସ ନିଷ୍ପତ୍ତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ରାଜେଶ୍ୱରୀ ପ୍ରଧାନ ସଂଦର୍ଭଟିକୁ ପଠନ କରିଥିବା ବେଳେ ତାଙ୍କୁ ବିଭାଗୀୟ ମୁଖ୍ୟ ଅଧାପିକା ରାଜଲକ୍ଷ୍ମୀ ରଥ ସହଯୋଗ କରିଥିଲେ। ଅଧକ୍ଷ ରାଜେନ୍ଦ୍ର ଦାସ ବୈଠକରେ ସଭାପତିତ୍ୱ କରିଥିବା ବେଳେ ଶୈକ୍ଷିକ ପରିଷଦ ଅଧିକାରୀ ପ୍ରାଧ୍ୟାପକ ବିଭାସ ଦାସ, ଷ୍ଟାଫ କାଉନସିଲ ସେକ୍ରେଟାରୀ ପ୍ରାଧ୍ୟାପିକା ଆରତି ବାଳା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧାପିକା ରୋଜାଲିନ ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ଇଂଲିଶ ବିଭାଗ ପକ୍ଷରୁ ସ୍ୱାଗତ ସଭା ହୋଇଥିଲା। ଏଥିରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସାତ୍ୟକି ସାହୁ ଅଧକ୍ଷତା କରିଥିଲେ। ପ୍ରାଧ୍ୟାପକ ବିଭାସ ଦାସ, ଅଧାପକ ହରମୋହନ ନାୟକ, ଡଃ ସୁନାମ ପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀ ଛାତ୍ର ମାନେ କଲେଜର ନୀତି ନିୟମ ମାନି ଚଳିବାକୁ କହିଥିଲେ।

# କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ମହୋତ୍ସବ

ଗଞ୍ଜାମ,୨୬।୧୨(ଡି.ଏନ.ଏ.)

ଗଞ୍ଜାମ ଭାରତୀ ବିଦ୍ୟାପୀଠ ମିନିଷ୍ଟାଡିୟମରେ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର, ବ୍ରହ୍ମପୁର ଏବଂ ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଯୁଥ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଅନୁଷ୍ଠାନ ସମ୍ପାଦିକା ବିଜୟଲକ୍ଷ୍ମୀ ମହାକୁଡ଼ଙ୍କ ତତ୍ତ୍ୱାଧାନରେ ହୋଇଥିଲା। ଗଞ୍ଜାମ ପ୍ରେସ କ୍ଲବ ଓ ଗଞ୍ଜାମ ସାଂସ୍କୃତିକ ମଞ୍ଚ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ଉମାକାନ୍ତ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ କ୍ରୀଡା ମହୋତ୍ସବର ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ୧୫ ନମ୍ବର ଜିଲା ପରିଷଦ ସଭ୍ୟ ସନାତନ ବେହେରା, ସମ୍ମାନିତ ଅତିଥିଭାବେ ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର କୁମାର ତରାଇ, ଛତ୍ରପୁର ପ୍ରେସ କ୍ଲବ ସଭାପତି ପ୍ରଶାନ୍ତ ମହାରଣା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଗଞ୍ଜାମ ବ୍ଲକର ଆନ୍ତର୍ଜାତୀୟ ଖେଳାଳୀ ମନସ୍ୱିନୀ ମହାରଣା ଓ ଛତ୍ରପୁରର ଆର ରମେଶ ରାଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବେଳାଭୂମି ପ୍ଲାଷ୍ଟିକ ମୁକ୍ତ ଓ ସ୍ୱଚ୍ଛତା ନେଇ ମହାରାଷ୍ଟ୍ରରୁ ଭାରତ ଭ୍ରମଣରେ ସାଇକେଲ ଯାତ୍ରାରେ ବାହାରିଥିବା ଏକନାଥଙ୍କୁ ସମ୍ମାନିତ କରାଯାଇଥିଲା। ଗଞ୍ଜାମ, ଛତ୍ରପୁର ଖଲ୍ଲିକୋଟ, ପୁରୁଷୋତ୍ତମପୁର, ବେଗୁନିଆପଡା ଆଦି ବ୍ଲକର ଗ୍ରାମାଞ୍ଚଳ ଯୁବକ୍ରୀଡା ପ୍ରତିଯୋଗୀମାନେ ପ୍ରତିଯୋଗିତାରେ ଭାଗନେଇଥିଲେ। ଉଦଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



କ୍ରୀଡ଼ା ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ପିସିଏମ୍ ମହିଳା କଲେଜ୍‌ରେ କ୍ରୀଡ଼ା ସମାରୋହ

ସୋରଡ଼ା,୨୬।୧୨(ଡି.ଏନ.ଏ.)

ପିସିଏମ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩ ଦିନିଆ କ୍ରୀଡ଼ା ସମାରୋହ ସୋମବାର ଉଦଘାଟିତ ହୋଇଛି । କ୍ରୀଡ଼ା ଅଧାପିକା ଏଲିଜା ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଏନଏସି ଅଧକ୍ଷ ଶିବଶଙ୍କର ପଣ୍ଡା, ସମ୍ମାନିତ ଅତିଥି ଭାବେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୃତିକୃଷ୍ଣ ପାତ୍ର ଯୋଗଦେଇ ପତାକା ଉତ୍ତୋଳନ ସହ କ୍ରୀଡ଼ା ମଶାଲ ସ୍ଥାପନ କରିଥିଲେ। ପ୍ରଥମେ ଛାତ୍ରୀମାନେ ଘୋଷବାଦ୍ୟ ସହ ସ୍ଥାନୀୟ କନ୍ଧୁଣୀଦେବୀ ମନ୍ଦିର ଯାଇ ସେଠାରୁ ମଶାଲ ଶୋଭାଯାତ୍ରା ଆଣି ଅତିଥିଙ୍କୁ ପ୍ରଦାନ କରିଥିଲେ। ଅଧାପକ ରୋହିତ ବିଶୋଇ, ରାଜେଶ ପାତ୍ର, ଏଲିଜା ପଟନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ମହେନ୍ଦ୍ର ପାଢୀ, ଗୋପାଳ କୃଷ୍ଣ ଦାସ ସହଯୋଗ କରିଥିଲେ।

## ଦିବ୍ୟଶକ୍ତି କେନ୍ଦ୍ରରେ ବାର୍ଷିକ ଉତ୍ସବ



ଧରାକୋଟ,୨୬।୧୨ (ଡି.ଏନ୍.ଏ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପରିସରସ୍ଥିତ ଦିବ୍ୟଶକ୍ତି କେନ୍ଦ୍ରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳିସ୍ୱାଇଁ ମୁଖ୍ୟ ଅତିଥି, ବିଜେଡି ଜିଲା ଯୁବ ସମ୍ପାଦକ ଦିଲୀପ କୁମାର ସ୍ୱାଇଁ, ଖବରଦାତା ବିଷ୍ଣୁ କେଶରୀ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁବାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କେନ୍ଦ୍ର ସଞ୍ଚାଳିକା ଅଙ୍କିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଧାତ୍ମିକ ଜ୍ଞାନ ମନୁଷ୍ୟ ପାଇଁ ନିହାତି ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। କେନ୍ଦ୍ରର ନିର୍ଦ୍ଦେଶକ ରମେଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ରିନା, ସ୍ମୃତି,ସୁଜାତା,ମାନସୀ ,ବିଦ୍ୟାଧର,କାଲୁ ସହଯୋଗ କରିଥିଲେ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା ଦିବସ

ରମ୍ଭା,୨୬।୧୨

ସ୍ଥାନୀୟ ନେତାଜୀ ଯୁବ ପରିଷଦ ପରିସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରମ୍ଭା ଶାଖା ତରଫରୁ ୯୭ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ପାର୍ଟିର ପୂର୍ବତନ ନେତା ଓ ଜୋନ୍ ସମ୍ପାଦକ ସାଥି ପୂର୍ଣ୍ଣଚନ୍ଦ୍ର ରଥଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ଶାଖା ସମ୍ପାଦକ ନିରାକାର ବେହେରା, ଶିକ୍ଷକ ନେତା ନାରାୟଣ ନାୟକ, କୃଷକ ନେତା ଜେ. ଭାସ୍କର ପାତ୍ର, ଯୁବନେତା ୧୨ନଂ କାଉନ୍‌ସିଲର କ୍ଷେତ୍ରମୋହନ ବେହେରା, ରଜନୀକାନ୍ତ ବେହେରା, ଏନ. ମାଧବ ରାଓ, ସି. ଅୟାନା ପାତ୍ର, ସଦାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ଲାଲ୍ ଝଣ୍ଡା ଲାଲ୍ ସଲାମ ସ୍ଲୋଗାନ ଦେଇ ପ୍ରତିଷ୍ଠା ଦିବସ ପାଳନ କରିଥିଲେ।

# ଦ୍ୱିତୀୟ କ୍ୱାର୍ଟରରେ ବାଜିମାରିଲା ଟାଉନ କ୍ଲବ

**ଆନ୍ତଃରାଜ୍ୟ ରମ୍ଭା କପ୍ କ୍ରିକେଟ**

ରମ୍ଭା,୨୬।୧୨

ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ଆନ୍ତଃରାଜ୍ୟ ରମ୍ଭା କପ କ୍ରିକେଟ ଚତୁର୍ଥ ଦିନ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଛି। ସୋମବାର ମ୍ୟାଚ ଟାଉନ କ୍ଲବ ଭୁବନେଶ୍ୱର ଟସ୍ ଜିତି ଫିଲଡିଂ କରିଥିବା ବେଳେ ରାମେଶ୍ୱର ସ୍ୱଟିଙ୍ଗ କ୍ଲବ ବ୍ରହ୍ମପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସର୍ବାଧିକ ୧୯ ବଲରେ ୨୮ ରନ ସୋମନାଥ ପ୍ରଧାନ ସଂଗ୍ରହ କରିଥିଲେ। ଏହାର ଜବାବରେ ଭୁବନେଶ୍ୱର ଟାଉନ କ୍ଲବ ୧୮ ଓଭର ୨ ବଲରେ ୬ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାକେଶ କେ. ବାରିକ ୬୫ ରନ ସଂଗ୍ରହ କରି ମ୍ୟାନ ଅଫ ଦା ମ୍ୟାଚ ବିବେଚିତ ହୋଇଥିଲେ। ଭାଷ୍ୟକାର ମହେଶ ମୁଦ୍ରର ଓ ଶ୍ରୀକାନ୍ତ ନାହାକ ରହିଥିବା ବେଳେ ଅମ୍ପାୟାର ରୂପେ ସୀମାଞ୍ଚଳ ବାଡତ୍ୟା ଓ ସନ୍ତୋଷ ସାହାଣୀ ଥିଲେ। ସ୍କୋରର ସତ୍ୟନାରାୟଣ ପରିଡା ରହିଥିଲେ। ଫିଟନେସ ଜିମର ପ୍ରୋପାଇଟର ପ୍ରତାପ ପ୍ରଧାନ ମୁଖ୍ୟ ଅତିଥି, ରମ୍ଭା ଏନଏସି ଉପାଧକ୍ଷ କାଳିଆ ତରେଇ, କ୍ଷେତ୍ର ମୋହନ ବେହେରା, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଉପସଭାପତି ହିମାଂଶୁ ବୈଠାରୁ, ଟୁର୍ନାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଜି.ଉଦୟଗିରି,୨୬।୧୨

ଜି.ଉଦୟଗିରି ପଞ୍ଚାୟତ ସମିତି ଅଡିଟୋରିୟମ ହଲରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ୧୮ଜଣଙ୍କ ଅଭିଯୋଗ ଶୁଣିଛନ୍ତି। ୬ଜଣଙ୍କ ଜମିଜମା, ୨ଜଣଙ୍କ ରାସନ କାର୍ଡ, ଆବାସ ପାଇଁ ଜଣେ ଥିବାବେଳେ ଅବଶିଷ୍ଟ ୯ଜଣଙ୍କ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଏହି ଶୁଣାଣିରେ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ପିଏଆଇଟିଡିଏ ମଧୁସୂଦନ ବେହେରା, ପଞ୍ଚାୟତ ସମିତି ଅଧକ୍ଷା ସୁଷମା ପ୍ରଧାନ, ଉପଖଣ୍ଡ ପୋଲିସ ଅଧିକାରୀ ଡି. ତିରୁପତି ରାଓ ପଟ୍ଟନାୟକ ଓ ବିଡିଓ ଆଶିଷ କୁମାର ତ୍ରିପାଠୀଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରତିକାନ୍ତ ସାହୁ, ଅତିରିକ୍ତ ତହସିଲଦାର ଭଞ୍ଜନ କହଁର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିହିରକାନ୍ତ ପ୍ରଧାନ ଓ ଜିଲା କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଅନ୍ୟ ଅଧିକାରୀ

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ବୈଠକରେ ଉପସ୍ଥିତ ଗୁରୁ ଓ ପ୍ରାକ୍ତନ ଛାତ୍ରୀଛାତ୍ର।

**ପିପୁଲ୍ଲ କଲେଜ**

ବୁଗୁଡ଼ା,୨୬।୧୨(ଡି.ଏନ.ଏ.)

ବୁଗୁଡା ପିପୁଲ୍ଲ କଲେଜର ୧୯୯୨-୯୪ ବ୍ୟାଚ ଯୁକ୍ତ ୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମା ସଙ୍କୁଳାଇ ପୀଠ କଲ୍ୟାଣ ମଣ୍ଡପ ଠାରେ ବନ୍ଧୁ ମିଳନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପୀତାମ୍ବର ଗୌଡଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପିପୁଲ୍ଲ କଲେଜ ଅଧକ୍ଷ ରଜନୀ କାନ୍ତ ଦାଶ, ଅଧାପକ ହରିକୃଷ୍ଣ ନାୟକ, ଅବସରପ୍ରାପ୍ତ ଅଧାପକ ପ୍ରଶାନ୍ତ କୁମାର ମହାପାତ୍ର, ବୃନ୍ଦାବନ ନାୟକ, ଅଧାପିକା ସୁଚିତ୍ରା ପଟ୍ଟନାୟକ, ଅବସରପ୍ରାପ୍ତ ଡେମୋନଷ୍ଟେଟର୍ ଭଗବାନ ସ୍ୱାଇଁ ଓ ବଜେନ୍ଦ୍ର ଉପାଧ୍ୟାୟ, ନରହରି ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ଛାତ୍ର ସଂଘର ଆବାହକ କୁଞ୍ଜ ବିହାରୀ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମ୍ପାଦିକା ସୁନୀତା ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ନିଜ ପରିଚୟ ଦେବା ସହ ପଢ଼ା ବେଳର ଅନୁଭୂତି ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଛାତ୍ରୀଛାତ୍ରମାନେ ନିମନ୍ତ୍ରିତ ଗୁରୁମାନଙ୍କୁ ମାନପତ୍ର, ଉପଢୌକନ ଓ ଉପହାର ପ୍ରଦାନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଗୁରୁମାନେ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ଉତ୍ତୋରତର ଉନ୍ନତି କାମନା କରିଥିଲେ। ପ୍ରାକ୍ତନ ଛାତ୍ର ସଂଘ ପକ୍ଷରୁ ମୋ କଲେଜ ଅଭିଯାନ ପାଣ୍ଠିର ଅଭିବୃଦ୍ଧିରେ ସହାୟତା ପ୍ରଦାନ ଘୋଷଣା କରାଯାଇଥିଲା। ପ୍ରାକ୍ତନ ଛାତ୍ର ସୁରେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡି ପ୍ରତିଷ୍ଠା ଦିବସ

ଆସିକା,୨୬।୧୨(ଡି.ଏନ.ଏ.)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସୋମବାର ସ୍ଥାନୀୟ କଳିଙ୍ଗା ରୋଡସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଜେଡି ପ୍ରତିଷ୍ଠା ରୌପ୍ୟ ଜୟନ୍ତୀ ପାଳନ କରାଯାଇଛି। ଗଂଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ନେତୃତ୍ୱରେ କର୍ମୀମାନେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଭଗବାନ ସାହୁ, ଦିଲୀପ ପାଣିଗ୍ରାହୀ, ମନୋଜ ଦୋରା, ଅଭିମନ୍ୟୁ ନାହାକ, ରାଜେଶ ପଟ୍ଟନାୟକଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ । ସେହପରି ଆସିକା ଏନଏସି ଅଧକ୍ଷା ବିନେତା ସ୍ୱାଇଁ ଓ ନଗର ଯୁବ ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ନେତୃତ୍ୱରେ ଏନଏସିର ବିଭିନ୍ନ ୱାର୍ଡ କାଉନସିଲର ବିଜୁ ପଟ୍ଟନାୟକ ଛକ ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଆସିକା ଡାକ୍ତରଖାନା ଓ ବାବନପୁର ସ୍ଥିତ କୁଷ୍ଠ ଚିକିତ୍ସାଳୟରେ ଚିକିତ୍ସାଧୀ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

# ବକେୟା ପ୍ରାପ୍ୟ ଦାବି କଲେ ଗାଁ ସାଥୀ

ଫୁଲବାଣୀ ଅଫିସ ,୨୬।୧୨

ଗ୍ରାମାଞ୍ଚଳରେ ଚାଲିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗାଁସାଥୀ (ମେଟ) ସେମାନଙ୍କ ବକେୟା ପ୍ରାପ୍ୟ ଦାବି କରିଛନ୍ତି। ଗାଁ ସାଥୀମାନେ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ତୁଲାଉଛନ୍ତି। ଶ୍ରମିକ ନିୟୋଜିତ କରିବା ଓ ସେମାନଙ୍କ ପ୍ରାପ୍ୟ ଦେବାରେ ଗାଁ ସାଥୀଙ୍କର ମୁଖ୍ୟ ଦାୟିତ୍ୱ ରହିଛି। କିନ୍ତୁ ସେମାନଙ୍କୁ ତାଙ୍କର ପାରିଶ୍ରମିକ ଠିକ ଭାବେ ମିଳୁନାହିଁ। ଏଭଳି ସ୍ଥଳେ ବର୍ତ୍ତମାନ ଚାଲିଥିବା ବିଭିନ୍ନ ପ୍ରକଳ୍ପ ବନ୍ଦ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଗାଁ ସାଥୀମାନେ ସେମାନଙ୍କ ବକେୟା ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ସେମାନଙ୍କୁ ତାଙ୍କର ପାରିଶ୍ରମିକ ପାଇଁ ଦାବି କରିଛନ୍ତି ଗାଁ ସାଥୀ। ସୋମବାର ଏ ନେଇ ଦାବୀପତ୍ର ଗାଁ ସାଥିଙ୍କ ପକ୍ଷରୁ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗାଁ ସାଥୀ ସଙ୍ଘର ସଭାପତି ସଞ୍ଜୟ କୁମାର ମଲିକ, ସମ୍ପାଦକ ରାକେଶ ନାୟକ କୋଷାଧକ୍ଷ ଅଜିତ ବେହେରା, ସଦସ୍ୟ ବାଳକୃଷ୍ଣ କହଁର, ସନ୍ଦୀପ କୁମାର ବେହେରା, ରାଜେଶ ବିନ୍ଧାଣିଙ୍କ ସମେତ ଅନେକ ପଂଚାୟତର ମେଟ ଦାବୀପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଗୁଠି ଅଭିନୟରେ ହସାଇଲେ ସୁନୀଲ


ନୃତ୍ୟ ମାଧ୍ୟମରେ ସଚେତନତା ବାର୍ତ୍ତା।


କୁଇ ନୃତ୍ୟ।


ଅର୍ଦ୍ଧ ଶାସ୍ତ୍ରୀୟ ନୃତ୍ୟ।


ଆଦିବାସୀ ଢେମସା ନୃତ୍ୟ ପରିବେଷଣ।

## ଗୋପାଳପୁର ବେଳାଭୂମି ମହୋତ୍ସବର ତୃତୀୟ ସନ୍ଧ୍ୟା

**ଗୋପାଳପୁର (ଡି.ଏନ୍.ଏ)/ ବ୍ରହ୍ମପୁର ଅଫିସ, ୨୬।୧୨**

ଗୋପାଳପୁର ବେଳାଭୂମି ମହୋତ୍ସବର ଗୁରୁବାର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ସାଜିଥିଲେ ବଲିଉଡର ହାସ୍ୟ ଅଭିନେତା ତଥା କମେଡ଼ିଆନ ସୁନୀଲ ଗ୍ରୋଭର। ସେ ଗୁଠି ଅଭିନୟରେ ଦର୍ଶକଙ୍କୁ ଭିନ୍ନ ଭିନ୍ନ କମେଡ଼ି ମାଧ୍ୟମରେ ଦର୍ଶକଙ୍କୁ ହସାଇ ହସାଇ ନାକେଦମ୍ କରିଦେଇଥିଲେ। ଦର୍ଶକ ମଧ୍ୟ ସୁନୀଲଙ୍କ କମେଡ଼ିକୁ ବେଶ୍ ଉପଭୋଗ କରିଥିଲେ। ଏହାପରେ ଭି କମ୍ପାନୀ ନିଜର ନୃତ୍ୟ ପରିବେଷଣ କରିଥିଲେ। ଭି କମ୍ପାନୀ ହିପ୍ ହପ୍ ଓ ଏରୋବିକ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଦେଇଥିଲା। ସେହିଭଳି ବ୍ରହ୍ମପୁରର ପ୍ରୀନ୍ସ ଡ୍ୟାନ୍ସ ଗ୍ରୁପ ଭଗବାନ କୃଷ୍ଣଙ୍କ ଭିନ୍ନ ଭିନ୍ନ ଅବତାର ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ।

ସନ୍ଧ୍ୟାରେ ବ୍ରହ୍ମପୁର ଆର୍ଟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମଡର୍ଣ୍ଣ ଡ୍ୟାନ୍ସ, ଭୈରବ କଳା କେନ୍ଦ୍ର ପକ୍ଷରୁ କନ୍ଧମାଳ କୁଇ ନୃତ୍ୟ, ହିଞ୍ଜିଳିକାଟୁ ଲକ୍ଷ୍ମୀ ନୃସିଂହ କଳାମନ୍ଦିର ପକ୍ଷରୁ ଅର୍ଦ୍ଧଶାସ୍ତ୍ରୀୟ ନୃତ୍ୟ, ବ୍ରହ୍ମପୁର ସ୍କେଟିଂ ଏକାଡେମୀ ପକ୍ଷରୁ ସଚେତନାମୂଳକ ନୃତ୍ୟ,


କମେଡିଆନ ସୁନୀଲ ଗ୍ରୋଭର

କୋରାପୁଟ ଜିଲା କଳାକାରଙ୍କ ଦ୍ୱାରା ଢେମସା ନୃତ୍ୟ, ଭୁବନେଶ୍ୱର ଆର୍ଟ ଭିଜନ ଦ୍ୱାରା ଓଡିଶୀ ନୃତ୍ୟ ପରିବେଶିତ କରାଯାଇଥିଲା। ସନ୍ଧ୍ୟାରେ ମୁଖ୍ୟ ଅତିଥି ରୂପେ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି କହିଥିଲେ ଯେ, ଗୋପାଳପୁରର ପୁରୁଣା ବତୀଘର ଇତିହାସକୁ ମନେ ପକାଇଦିଏ। ବ୍ରିଟିଶ ଶାସନ ସମୟରେ ଗୋପାଳପୁର ବାଣିଜ୍ୟ କେନ୍ଦ୍ର ଥିଲା। ଏଠାରୁ ବ୍ରିଟିଶ୍‌ରେ ବାଣିଜ୍ୟ ବ୍ୟବସାୟ ହୋଇପାରୁଥିଲା। ଗୋପାଳପୁର ଗଞ୍ଜାମ ଜିଲାର ଅଂଶବିଶେଷ। ଗଞ୍ଜାମ ଜିଲା ପାଇଁ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇପାରିଛି। ପାରଳା ମହାରାଜ ଓ ବିଶ୍ୱନାଥ ଦାଶ ଗଞ୍ଜାମ ଜିଲାର ଗର୍ବ ଗୌରବ। ସ୍ୱାଧୀନତା ସଂଗ୍ରାମରେ ଗଞ୍ଜାମ ଜିଲାର ବିଶେଷ ଭୂମିକା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ରଙ୍ଗେଇଲୁଣ୍ଡା ବ୍ଲକ ଉପାଧ୍ୟକ୍ଷା ଅନୀତା ମହାଙ୍କୁଡ, ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ.ଜାନକୀ ରାମ, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଓ ବ୍ରହ୍ମପୁର ଏସ୍‌ପି ଡା.ଶ୍ରବଣା ବିବେକ ଏମ ଯୋଗ ଦେଇଥିଲେ।

## ବେଳାଭୂମି ମହୋତ୍ସବ ଆୟୋଜନରେ ଅବ୍ୟବସ୍ଥା

### ଭାଜପାର ଅଭିଯୋଗ

**ଗୋପାଳପୁର,୨୬।୧୨(ଡି.ଏନ.ଏ.)**

ଗୋପାଳପୁର ବେଳାଭୂମି ମହୋତ୍ସବ ଆୟୋଜନରେ ଅବ୍ୟବସ୍ଥା ହୋଇଥିବା ଭାଜପା ଅଭିଯୋଗ କରିଛି। ଏ ନେଇ ଭାଜପା ନଗର ସଭାପତି ପଞ୍ଚୁ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିଯୋଗ କରାଯାଇଥିଲା ଯେ, ମହୋତ୍ସବ ପାଇଁ ଗୋପାଳପୁରବାସୀଙ୍କ ଯାତାୟାତରେ ଅସୁବିଧା, ସ୍ଥାନୀୟ ଲୋକେ ପରିଚୟ ପତ୍ର ଦେଖାଉଥିଲେ ମଧ୍ୟ ଘରକୁ ଛାଡୁ ନ ଥିବା, ସ୍ଥାନୀୟ ନଗରପାଳଙ୍କ ନାମ ନିମନ୍ତ୍ରଣ ପତ୍ରରେ ନ ଥିବା, ସ୍ଥାନୀୟ ବିଧାୟକ ଓ ସାନଖେମୁଣ୍ଡି ବିଧାୟକଙ୍କୁ ନ ଡାକି କେବଳ ବିଜେଡି ବିଧାୟକଙ୍କୁ ଡାକିବା, ବିରୋଧୀ ଦଳ ନେତାଙ୍କୁ ନିମନ୍ତ୍ରଣ ନ କରିବା, ମହୋତ୍ସବ ସମୟରେ ବହୁ ଲୋକଙ୍କ ଭିଡ଼ ହେଉଥିଲେ ମଧ୍ୟ ଆବଶ୍ୟକ ଶୌଚାଳୟ ନଥିବା, ନାମକୁ ମାତ୍ର ଚାଲିଥିବା ଏ-ୱାନ ଶୌଚାଳୟରେ ପାଣି ନଥିବା, ବେଳାଭୂମିରେ ଲାଇଫଗାର୍ଡ ଓ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ନଥିବା, ଗୋପାଳପୁର ପର୍ଯ୍ୟଟନର ବିକାଶ କହୁଥିବା ବେଳେ ଲାଭରେ ଚାଲୁଥିବା ପାନ୍ଥ ନିବାସର ଅଧାରୁ ଅଧିକ ଜାଗାକୁ ଘରୋଇ ହାତକୁ ଟେକିଦେଇ ବଳକା ଥିବା ୬ଟି କଟେଜ ଓ ୯ଟି ରୁମକୁ ମଧ୍ୟ ଘରୋଇକରଣ ପାଇଁ ମସୁଧା ଚାଲିଥିବା କହିଥିଲେ। ଏହି ସମ୍ମିଳନୀରେ ଗୋପାଳପୁର ଭାଜପା ନଗର ସଭାପତି ପଞ୍ଚୁ ବେହେରାଙ୍କ ସମେତ ବି. ରାମାରାଓ, ଅଶୋକ କୁମାର ବେହେରା, ସଞ୍ଜୟ ଗନ୍ତାୟତ, ଏ. କ୍ରିଷ୍ଣା, ସୁଲତାନ ସରିଫ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ସାଗର


@ ନାରାୟଣ


@ ରଜତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅବସରପ୍ରାପ୍ତ ଫରେଷ୍ଟରଙ୍କୁ ୨ବର୍ଷ ଜେଲ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

**ବ୍ରହ୍ମପୁର ଅଫିସ,୨୬।୧୨**

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ଅଶୋକ କୁମାର ହୋତା ଭଞ୍ଜନଗର ସମ୍ବନ୍ଧିତ ଜଳ ବିଭାଜିକା ପ୍ରକଳ୍ପ କର୍ମଚାରୀ ତଥା ବନପାଳ ଭାବେ ୧୯୯୭ରେ କାମ କରୁଥିଲେ। ସେହି ସମୟରେ ତାଙ୍କ ବିରୋଧରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ସୋମବାର ଉକ୍ତ ମାମଲାର ଶୁଣାଣି ବେଳେ ଅଶୋକଙ୍କୁ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା।

୩୧ ଜଣ ସାକ୍ଷୀଙ୍କ ବୟାନ ଓ ଭିଜିଲାନ୍ସ ପକ୍ଷରୁ କୋର୍ଟରେ ଦାଖଲ କରାଯାଇଥିବା ଚାର୍ଜଶିଟକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ ତାଙ୍କୁ ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ସହ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୨ ମାସ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ରାୟ ପ୍ରକାଶ କରିଛନ୍ତି ବୋଲି ପିପି ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୯୯୭ ମାର୍ଚ୍ଚ ୨୯ରେ ଅଶୋକଙ୍କର ୪ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଏକ କାଳୀନ ଚଢାଉ କରିଥିଲା। ତାଙ୍କର ଆକଳନ ହୋଇଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରୁ ୨ଲକ୍ଷ ୮୩ ହଜାର ୬୫୮ଟଙ୍କାର ହିସାବ ସେ ଭିଜିଲାନ୍ସକୁ ଦେଇପାରି ନ ଥିଲେ। ଯାହାକି ତାଙ୍କ ଆୟର ଶତକଡା ୪୮.୨୮ ପ୍ରତିଶତ ଅଧିକ ରହିଥିଲା। ଭିଜିଲାନ୍ସ ତାଙ୍କୁ ମାମଲା ନମ୍ବର ୧୬/୯୭ ରେ ଗିରଫ କରି ପରେ ଜାମିନରେ ଛାଡ଼ିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟର ଦୟାନିଧି ଗୋଛାୟତ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଲୋକ ଶକ୍ତି ଅଭିଯାନର ଖବରଦାତା ସମ୍ମିଳନୀ। ସ୍ଥାନ-ହିଲପାଟଣା, ସମୟ-ପୂର୍ବାହ୍ନ ସାଢ଼େ ୧୦ଟା
- ବେଳାଭୂମି ମହୋତ୍ସବ ଚତୁର୍ଥ ସନ୍ଧ୍ୟା। ସ୍ଥାନ-ଗୋପାଳପୁର ବେଳାଭୂମି, ସମୟ-ସନ୍ଧ୍ୟା ୬ଟା।

## ବୃଦ୍ଧାଙ୍କୁ ନିଶା ଦେଇ ଘରୁ ଲୁଟିନେଲେ ସୁନାଗହଣା

ବ୍ରହ୍ମପୁର ଅଫିସ,୨୬।୧୨-ବ୍ରହ୍ମପୁର ସହରରେ ଏବେ ଲୁଟେରା ଗ୍ୟାଙ୍ଗ୍ ଧୀରେ ଧୀରେ ସକ୍ରିୟ ହେବାରେ ଲାଗିଛନ୍ତି। ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଗ୍ୟାଙ୍ଗ୍ ଜଣକ ପରେ ଜଣଙ୍କୁ ଟାର୍ଗେଟ କରୁଛନ୍ତି। ୨ଦିନ ତଳେ ଜଣେ ଯୁବକଙ୍କୁ ମାଡ଼ ମାରି ତାଙ୍କଠାରୁ ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେଇଥିବା ବେଳେ ଏବେ ବାବାଜୀ ତୋଟାସାହିରେ ବୃଦ୍ଧ ଦମ୍ପତି ଏକାକୀ ଘରେ ରହୁଥିବା ବେଳେ ତାଙ୍କୁ ଟାର୍ଗେଟ କରିଛନ୍ତି। ରବିବାର ଭୋରୁ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀ ବ୍ରଜବନ୍ଧୁ ତ୍ରିପାଠୀ ଫୁଲ ତୋଳିବାକୁ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଲୁଟେରା ଗ୍ୟାଙ୍ଗ୍ ଘରେ ପଶି ବ୍ରଜବନ୍ଧୁଙ୍କ ସ୍ତ୍ରୀଙ୍କୁ ଶୋଇଥିବା ଅବସ୍ଥାରେ ନିଶା ଦେଇ ଅଚେତ କରିବା ସହ ସେ ପିନ୍ଧିଥିବା ସମସ୍ତ ସୁନା ଗହଣା ଲୁଟି ନେଇଛନ୍ତି। ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ.୪୫୯/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୁନାହାର, ଚୁଡ଼ି, ରୁଲି, ହାତମୁଦି, କାନ ଝିକା, ଏପରି ୧୫ଭରିର ସୁନାଗହଣା ଓ ପାଖରେ ଥିବା ୮ହଜାର ଟଙ୍କା ଭର୍ତ୍ତି ଭ୍ୟାନିଟି ବ୍ୟାଗ୍ ଲୁଟି ନେଇଥିଲେ। ଚେତାଶୂନ୍ୟ ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପୁଷ୍ପାଞ୍ଜଳି ସୁସ୍ଥ ହେବା ପରେ ସେ ସମସ୍ତ ଘଟଣା ତାଙ୍କ ସ୍ୱାମୀଙ୍କୁ କହିଥିଲେ।

## ବ୍ରହ୍ମପୁରରେ ଭାଜପାର ୪ ଘଣ୍ଟିଆ ସତ୍ୟାଗ୍ରହ

**ବ୍ରହ୍ମପୁର ଅଫିସ,୨୬।୧୨**

ବ୍ରହ୍ମପୁର ଗାନ୍ଧୀନଗର ଛକରେ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସୋମବାର ଗଞ୍ଜାମ ଜିଲା ଭାଜପା ପକ୍ଷରୁ ଗଣ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ୨୩ ବର୍ଷର ବିଜେଡି ଶାସନରେ ରାଜ୍ୟରେ ଅପରାଧୀକରଣ ରାଜନୀତି ଚାଲିଥିବା ଏବଂ ମହିଳାଙ୍କୁ ବିଭିନ୍ନ ଭାବରେ ନିର୍ଯାତନା ସହ ହିଂସା ମାତ୍ରାଧିକ ବଢ଼ି ଚାଲିଥିବା ପ୍ରତିବାଦରେ ଏହା କରାଯାଇଥିଲା। ଅପରପକ୍ଷରେ ବ୍ରହ୍ମପୁର ଓ ଜିଲାର କେତେକ ସମସ୍ୟା ଆନ୍ଦୋଳନରେ ଯୋଡ଼ା ଯାଇଥିଲା।

ଏହି ୪ ଘଣ୍ଟିଆ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ ଜିଲା ଉପସଭାପତି ରାମ କୁମାର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ ଓ ପ୍ରଶାନ୍ତ କୁମାର କରଙ୍କ ସମେତ ଡ଼ା. ସୁବାସ ସାହୁ, ମହନ୍ତ ଚିନ୍ମୟାନନ୍ଦ ଦାସ, ଗଙ୍ଗାଧର ଶତପଥୀ, ନାରାୟଣ ପଣ୍ଡା, ପ୍ରଭାତ ଷଡ଼ଙ୍ଗୀ, ସୁନୀଲ ସାହୁ, ଏନ. ରାଜେନ୍ଦ୍ର କୁମାର, ଶିବ ଶଙ୍କର ନାୟକ, ରତ୍ନଗର୍ଭା ସରସ୍ୱତୀ, ଅନୁଜାନନ୍ଦ ବିଶ୍ୱାଳ, ବର୍ଷା ବିଦ୍ୟୁସ୍ମିତା ପାଳ, ମମତାମୟୀ ରଣା, ଶୁଭାଶିଷ ସାହୁ, ରଞ୍ଜିତା ବେହେରା, ବାଳକୃଷ୍ଣ ସାମନ୍ତରା ଓ ରଜତ ପଣ୍ଡିତଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ବିଜେଡିର ପ୍ରତିଷ୍ଠା ଦିବସକୁ କାଉଣ୍ଟର କରି ହୋଇଥିବା ଭାଜପାର ସତ୍ୟାଗ୍ରହରେ ଜିଲା ସଭାପତି ବିଭୂତି ଜେନା ଓ ପୂର୍ବତନ ଉପସଭାପତି କାହ୍ନୁ ଚରଣ ପତିଙ୍କ ଅନୁପସ୍ଥିତି ରାଜନୈତିକ ଆଲୋଚନାର ବିଷୟ ପାଲଟିଥିଲା।


ସତ୍ୟାଗ୍ରହରେ ଯୋଗଦେଇଥିବା ଭାଜପା ନେତୃବୃନ୍ଦ।

## ୩ ନକଲି ଜିଏସ୍‌ଟି ଅଧିକାରୀଙ୍କ ସମେତ ୪ ଗିରଫ


ଅତିରିକ୍ତ ଏସପି ସୂଚନା ଦେଉଛନ୍ତି।


ଜବତ ପାନ ମସଲା।

- ୧.୪୦ ଲକ୍ଷ ଟଙ୍କା, ୬୦ବସ୍ତା ପାନ ମସଲା ଜବତ
- ଅପରାଧରେ ବ୍ୟବହୃତ ୨ କାର୍ ଜବତ

**ଛତ୍ରପୁର,୨୬।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଜିଏସ୍‌ଟି ଅଧିକାରୀ ଦର୍ଶାଇ ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ ମାରି ଟଙ୍କା ଠକେଇ ସହ ୬୦ ବସ୍ତା ଡିଲକ୍ସ ପାନ ମସଲା ଲୁଟ୍ ମାମଲାର ପର୍ଦ୍ଦାଫାଶ ହୋଇଛି। ଛତ୍ରପୁର ଥାନା ପୋଲିସ ଏହି ମାମଲାରେ ୩ନକଲି ଜିଏସ୍‌ଟି ଅଧିକାରୀଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ସହର ଗୋଷାଣୀ ନୂଆଗାଁ ଥାନା ଅନ୍ତର୍ଗତ ମୀନାକ୍ଷୀ ନଗରର ସୀମାଞ୍ଚଳ ପଣ୍ଡା, ଛତ୍ରପୁର ଥାନା ଅଧୀନ ବଜରଙ୍ଗୀ ନଗରର ସୁଶାନ୍ତ କୁମାର ଦଳାଇ ଓରଫ ଦୀପୁ ଏବଂ ଟି.ଗୋପାଳ ରାଓ ବ୍ୟାଙ୍କ କଲୋନୀର ଦେବାଶିଷ ପଟ୍ଟନାୟକ ଓରଫ ଜଗା। ଅଭିଯୁକ୍ତମାନେ ଠକି ନେଇଥିବା ୧ ଲକ୍ଷ ୪୦ ହଜାର ଟଙ୍କା, ଲୁଟିଥିବା ୬୦ ବସ୍ତା ପାନମସଲା, ୫ଟି ମୋବାଇଲ ଫୋନ ଓ ଅପରାଧରେ ବ୍ୟବହୃତ ୨ଟି କାର୍ (ଓଡି ୩୩ଏଡି ୮୬୮୭ ଏବଂ ଓଡି ୦୭ପି୯୫୯୬) ଜବତ କରାଯାଇଥିବା ସୋମବାର ଛତ୍ରପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପି.କେ ଦଳାଇ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ବ୍ରହ୍ମପୁର ମୀନାକ୍ଷୀ ନଗରର ସୀମାଞ୍ଚଳ ଚାଉଳ ଓ ପାନ ମସଲା ବ୍ୟବସାୟ କରନ୍ତି। ସେ କୋଲକାତାରୁ ଏସବୁ ଆଣି ଆନ୍ଧ୍ର ପଠାଇଥାନ୍ତି। ଆନ୍ଧ୍ରର ନାନି ରାଜୁ ନାମକ ଜଣେ ବ୍ୟବସାୟୀଙ୍କଠାରୁ ସୀମାଞ୍ଚଳ ବ୍ୟବସାୟ ବାବଦ ୧୪ ଲକ୍ଷ ଟଙ୍କା ପାଇବାର ଥିଲା। ବାରମ୍ବାର କହିବା ସତ୍ତ୍ୱେ ନାନି ରାଜୁ ଟଙ୍କା ଦେଉ ନ ଥିବା ଓ ଆଉ ବ୍ୟବସାୟିକ ସମ୍ପର୍କ ରଖି ନ ଥିବା ସୀମାଞ୍ଚଳ ଛତ୍ରପୁରର ସୁଶାନ୍ତଙ୍କୁ କହିଥିଲେ। ସୁଶାନ୍ତ ବ୍ରହ୍ମପୁରରେ ଏକ କମ୍ପ୍ୟୁଟର ଦୋକାନ ଖୋଲିଛନ୍ତି। ନାନି ରାଜୁଙ୍କଠାରୁ ବକେୟା ଟଙ୍କା ଆଦାୟ କରିବାକୁ ସେ ତାଙ୍କ ସହଯୋଗୀ ଛତ୍ରପୁରର ଦେବାଶିଷ ଓ ଗୋପାଳଙ୍କ ସହ ମିଶି ଯୋଜନା ପ୍ରସ୍ତୁତ କରିଥିଲେ। ଗତ ୨୧ତାରିଖରେ କୋଲକାତାରୁ ଟ୍ରକ୍ (ଏପି-୩୭ଟିଇ-୮୬୯୯) ଯୋଗେ ନାନି ରାଜୁଙ୍କ ଚାଉଳ ଓ ପାନ ମସଲା ଆନ୍ଧ୍ରକୁ ଯାଉଥିବା ସେମାନେ ଖବର ପାଇଥିଲେ। ସେହିଦିନ ଅପରାହ୍ନ ପ୍ରାୟ ୪ଟାରେ ଛତ୍ରପୁର ଥାନା ଅନ୍ତର୍ଗତ ଉଜ୍ଜଳେଶ୍ୱରୀ ମନ୍ଦିର ନିକଟରେ ସୁଶାନ୍ତ, ଦେବାଶିଷ ଓ ଗୋପାଳ ଉକ୍ତ ଟ୍ରକ୍‌କୁ ଅଟକାଇ ସେମାନେ ନିଜକୁ ଜିଏସ୍‌ଟି ବିଭାଗର ଅଧିକାରୀ ବୋଲି ଦର୍ଶାଇଥିଲେ। ଟିକସ ଫାଙ୍କି ଜିନିଷ ନେଉଥିବା ଘଟଣାକୁ ଚପାଇ ଦେବାକୁ ଡ୍ରାଇଭର ଓ ହେଲ୍‌ପରଙ୍କୁ ୫ ଲକ୍ଷ ଟଙ୍କା ମାଗିଥିଲେ। ଡ୍ରାଇଭର ଏ ସମ୍ପର୍କରେ ମାଲିକଙ୍କୁ ଫୋନ୍ ଦ୍ୱାରା ଜଣାଇଥିଲେ। ଭୟଭୀତ ହୋଇ ମାଲିକ ଗୋପାଳଙ୍କ ଆକାଉଣ୍ଟକୁ ୧ଲକ୍ଷ ୩୦ ହଜାର ଏବଂ ଦେବାଶିଷଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା ଏପରି ମୋଟ ୧ ଲକ୍ଷ ୪୦ ହଜାର ପଠାଇଥିଲେ। ଏହାପରେ ଟ୍ରକ୍‌ରେ ଥିବା ଲକ୍ଷାଧିକ ଟଙ୍କାର ୬୦ ବସ୍ତା ପାନ ମସଲାକୁ ଦେବାଶିଷ, ସୁଶାନ୍ତ ଓ ଗୋପାଳ ଆଣିଥିବା ୨ଟି କାର୍ ଯୋଗେ ନେଇଯିବା ସହ ଟ୍ରକ୍ ସହ ଚାଉଳକୁ ଛାଡି ଚାଲିଯାଇଥିଲେ। ୨୫ ତାରିଖରେ ଟ୍ରକ୍‌ର ଚାଳକ ତଥା ଆନ୍ଧ୍ରପ୍ରଦେଶ ଇଷ୍ଟ ଗୋଦାବରୀ ଜିଲା ଜେଗୁରୁପାଡୁର ଏମ୍. ରମେଶ ଏ ନେଇ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ଛତ୍ରପୁର ଥାନା ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ,ଏସଆଇ ସିଲୁ ଧଳ ଓ ପୋଲିସ ଟିମ୍ ବ୍ୟବସାୟୀ ସୀମାଞ୍ଚଳଙ୍କ ସମେତ ୩ ନକଲି ଜିଏସ୍‌ଟି ଅଧିକାରୀ ଦେବାଶିଷ, ଗୋପାଳ ଓ ସୁଶାନ୍ତଙ୍କୁ ଗିରଫ କରିବା ସହ ୧ ଲକ୍ଷ ୪୦ ହଜାର ଟଙ୍କା ଓ ସୁଶାନ୍ତଙ୍କ ଘରେ ଥିବା ୬୦ ବସ୍ତା ପାନ ମସଲା ଏବଂ କାର୍ ଦୁଇଟିକୁ ଜବତ କରିଥିଲେ। ଖବରଦାତା ସମ୍ମିଳନୀରେ ଡିଆଇବି ଡିଏସପି ଅଜୟ ମିଶ୍ର, ଏସଆଇ ସିଲୁ ଧଳ, ସୁନୀଲ ପ୍ରଧାନ ଉପସ୍ଥିତ ଥିଲେ।